# NATIONAL NEWS BULLETIN (ODIA)

## 1 February-2025

### Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ସଂସଦରେ ଆଜି ଉପସ୍ଥାପିତ ହେବ ଆସନ୍ତା ଆର୍ଥିକବର୍ଷ ପାଇଁ ସାଧାରଣ ବଜେଟ୍
- ମହାକୁମ୍ଭ ମେଳା ଦୁର୍ଘଟଣାର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ଏକମାସ ମଧ୍ୟରେ ପ୍ରଦାନ କରିବ ବିଚାରବିଭାଗୀୟ କମିଶନ ।
- ଭାରତ-ଆମେରିକା ଦ୍ୱିପାକ୍ଷିକ ଭାଗିଦାରିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଆମେରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀ ଭାରତ ମଣ୍ଡପମ୍‌ରେ ଆଜିଠୁ ଆରମ୍ଭ ହେଉଛି ବିଶ୍ୱ ପୁସ୍ତକମେଳା

ଏବଂ

- ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ଟାଇଟଲ୍ ହାସଲ ପାଇଁ ଆଜି ହାଇଦ୍ରାବାଦ ତୁଫାନ୍ସ ଏବଂ ଶ୍ରାଚି ରାଢ଼ ବେଙ୍ଗଲ ଟାଇଗର୍ସ ମଧ୍ୟରେ ହେବ ମୁକାବିଲା ।

# ବଜେଟ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ଆଜି ଆସନ୍ତା ଆର୍ଥିକବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ । ମୋଦୀ ସରକାରଙ୍କର ତୃତୀୟ ପାଳିରେ ଏହା ଦ୍ୱିତୀୟ ବଜେଟ୍ ହେବ । ସଂସଦର ଉଭୟ ଗୃହରେ ଗତକାଲି ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯାଇ ଦେଶରେ ଅର୍ଥନୈତିକ ସ୍ଥିତି ନେଇ ସୂଚନା ପ୍ରଦାନ କରାଯାଇଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ୨୦୧୯ରେ ଦାୟିତ୍ୱ ଗ୍ରହଣ କରିବା ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଚଳିତ ବଜେଟ୍ କ୍ରମାଗତ ଅଷ୍ଟମ ଉପସ୍ଥାପନା ହେବ । ଲୋକସଭାରେ ବଜେଟ ଉପସ୍ଥାପନ ପରେ ଏହାର ଏକ ନକଲ ରାଜ୍ୟସଭାରେ ଉପସ୍ଥାପନ କରାଯିବ । ବଜେଟ ପ୍ରସ୍ତୁତି ନେଇ ଅର୍ଥମନ୍ତ୍ରୀ, ବିଶେଷଜ୍ଞ, କୃଷକ ସଂଗଠନ, କୃଷି ଅର୍ଥନୀତିଜ୍ଞ, ବିଭିନ୍ନ ସଂଗଠନ, ଶିଳ୍ପଦ୍ୟୋଗୀ ଏବଂ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ୨୦୨୧ ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ସୀତାରମଣ ପ୍ରଥମଥର ପାଇଁ କାଗଜ ବିହୀନ ବଜେଟ୍ ଉପସ୍ଥାପନ କରିଥିଲେ । ସେବେଠାରୁ ଡିଜିଟାଲ୍ ବଜେଟ୍ ସଂସଦରେ ଉପସ୍ଥାପନ କରାଯାଉଛି ।

ସୂଚନା ଯୋଗ୍ୟ, ଚଳିତ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ ତାରିଖରୁ ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ଦିଲ୍ଲୀ ଇଲେକ୍ସନ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋରଦାର ହୋଇଛି । ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ତୁଙ୍ଗ ନେତୃବୃନ୍ଦ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ବିଭିନ୍ନ ନିର୍ବାଚନୀ ର୍‍ୟାଲିରେ ପ୍ରଚାର କରୁଛନ୍ତି । ନୂଆଦିଲ୍ଲୀର ଦ୍ୱାରକା ଠାରେ ଗତକାଲି ଏକ ସାଧାରଣସଭାକୁ ସମ୍ବୋଧନ କରି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଜାତୀୟ ରାଜଧାନୀର ଦ୍ରୁତ ବିକାଶ ପାଇଁ ଦିଲ୍ଲୀରେ ଡବଲ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି । ଏହାଦ୍ୱାରା ଆବାସ ଯୋଜନା ଦିଲ୍ଲୀକୁ ଆଧୁନିକ ସ୍ତରକୁ ଉନ୍ନୀତ କରିବା ଏବଂ ପ୍ରତ୍ୟେକ ଘରକୁ ପାଇପ୍ ଜଳ ଯୋଗାଣ ସହ ଦିଲ୍ଲୀବାସୀଙ୍କର ସମସ୍ତ ଆକାଂକ୍ଷା ପୂରଣ ହୋଇପାରିବ । ବର୍ତ୍ତମାନର ଆପ୍ ସରକାର ଦୁର୍ନୀତିରେ ଲିପ୍ତ ଅଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜେପି ପକ୍ଷରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୂରଣ କରାଯିବ । ଯମୁନାନଦୀ ପ୍ରଦୂଷଣକୁ ନେଇ ଆପ୍‌ର ମନ୍ତବ୍ୟକୁ ଶ୍ରୀମୋଦୀ ସମାଲୋଚନା କରିବା ସହ ଏହା ସଂପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି ।

ଗାନ୍ଧିନଗର ନିର୍ବାଚନୀ ସଭାରେ ଆମ୍ ଆଦମୀ ପାର୍ଟି ଆବାହକ ଅରବିନ୍ଦ କେଜରିୱାଲ, ରୋହତାସନଗରଠାରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍, ମାଦୀପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଏବଂ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହୋଇଥିଲେ ।

# ଭିପି-ମହାକୁମ୍ଭ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ପ୍ରୟାଗରାଜ ମହାକୁମ୍ଭମେଳା ଗସ୍ତ କରିବେ । ସଂଗମରେ ସେ ପବିତ୍ର ସ୍ନାନ କରିବାର କାର୍ଯ୍ୟସୂଚୀ ରହିଛି । ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଗଙ୍ଗା, ଯମୁନା ଏବଂସରସ୍ୱତୀ ନଦୀର ସଂଗମସ୍ଥଳ 'ସଂଗମ'ରେ ସ୍ନାନ କରିବା ପାଇଁ ୭୩ଟି ଦେଶର କୂଟନୀତିଜ୍ଞ ଆଜି ପ୍ରୟାଗରାଜ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ସେମାନେ ଅକ୍ଷୟବଟ ଏବଂ ବଡେ ହନୁମାନ ମନ୍ଦିର ଦର୍ଶନ କରିବେ । ଏହା ପୂର୍ବରୁ ୧୦ଟି ଦେଶର ୨୧ ଜଣିଆ ପ୍ରତିନିଧି ମଣ୍ଡଳୀ ମହାକୁମ୍ଭ ଗସ୍ତ କରି ସଂଗମ ଘାଟରେ ସ୍ନାନ କରିଥିବା ନେଇ ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

# ମହାକୁମ୍ଭ

ମହାକୁମ୍ଭ ମେଳା ଦୁର୍ଘଟଣାର ତଦନ୍ତ ପାଇଁ ଉତ୍ତରପ୍ରଦେଶ ସରକାର ଗଠନ କରିଥିବା ବିଚାରବିଭାଗୀୟ କମିଶନ ଗତକାଲି ପ୍ରୟାଗରାଜର ସଂଗମ ଘାଟ ପରିଦର୍ଶନ କରିଛନ୍ତି । କମିଶନ ଘଟଣାର କାରଣ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଦୁର୍ଘଟଣାର କାରଣ ଏବଂ ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ହେବା ନେଇ ଆବଶ୍ୟକ ପଦକ୍ଷେପ ସଂପର୍କରେ ସରକାରଙ୍କୁ ପରାମର୍ଶ ଦେବେ । ଏହି ବୃହତ ଆଧ୍ୟାତ୍ମିକ ସମାବେଶର ଆୟୋଜନ ଏବଂ ପରିଚାଳନାରେ ନିୟୋଜିତ ଅଧିକାରୀଙ୍କ ସହ କମିଶନ ଆଲୋଚନା କରିଛନ୍ତି । ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତଙ୍କୁ ମଧ୍ୟ କମିଶନ ସଦସ୍ୟ ଭେଟିଥିଲେ । ଆହ୍ଲାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ହର୍ଷ କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ସଦସ୍ୟ ବିଶିଷ୍ଟ ଏହି ନ୍ୟାୟିକ କମିଶନ ତାଙ୍କ ରିପୋର୍ଟ ଏକମାସ ମଧ୍ୟରେ ଉତ୍ତରପ୍ରଦେଶ ସରକାରଙ୍କୁ ପ୍ରଦାନ କରିବେ ।

ସୂଚନାଯୋଗ୍ୟ ଗତ ବୁଧବାର ମହାକୁମ୍ଭ ମେଳାରେ ଘଟିଥିବା ଏହି ଦୁର୍ଘଟଣାରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ ଜଣ ଆହତ ହୋଇଥିଲେ ।

# ଏମ୍ଇଏ-ପିଏମ୍ ଭିଜିଟ୍-ୟୁଏସ୍

ଭାରତ-ଆମେରିକା ବ୍ୟାପକ ବୈଶ୍ୱିକ ରଣନୈତିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁବ୍ଶୀଘ୍ର

ଆମେରିକା ଗସ୍ତରେ ଯିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ନୂଆଦିଲ୍ଲୀଠାରେ ଗତ ସନ୍ଧ୍ୟାରେ ଗଣମାଧ୍ୟମ ସହ ଆଲୋଚନା କାଳରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ନେଇ  ପ୍ରସ୍ତୁତି ଚାଲିଛି ଏବଂ ଖୁବ୍‌ଶୀଘ୍ର ଏ ସଂପର୍କୀୟ ରୂପରେଖ ଘୋଷଣା କରାଯିବ । ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହିଉର୍ ରାଣାଙ୍କ ପ୍ରତ୍ୟର୍ପଣ ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏ ନେଇ ଉଭୟ ଦେଶ କାର୍ଯ୍ୟ କରୁଛନ୍ତି । ଖୁବ୍‌ଶୀଘ୍ର ତହିଉର ରାଣାଙ୍କୁ ଆମେରିକା ପ୍ରତ୍ୟର୍ପଣ କରିବ ।

ବେଆଇନ ପ୍ରବାସୀ ପ୍ରସଙ୍ଗରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ସର୍ବଦା ବେଆଇନ ପ୍ରବାସକୁ ଦୃଢ଼ ବିରୋଧ କରିଛି । ବିଶେଷକରି ଏହା ଅନ୍ୟାନ୍ୟ ସଂଗଠିତ ଅପରାଧ ସହିତ ଜଡ଼ିତ ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଉଭୟ ଦେଶ ବେଆଇନ ପ୍ରବାସକୁ ରୋକିବା ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

ଇରାନରେ ନିଖୋଜ ୩ ଜଣ ଭାରତୀୟ ନାଗରିକଙ୍କ ସଂପର୍କିତ ପ୍ରସଙ୍ଗରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସେମାନଙ୍କ ପରିବାର ସହିତ ନିୟମିତ ଯୋଗାଯୋଗରେ ରହିଛି । ବ୍ୟବସାୟ ଉଦ୍ଦେଶ୍ୟରେ ସେହି ୩ ଜଣ ବ୍ୟକ୍ତି ଇରାନ ଯାତ୍ରା କରିଥିଲେ । ସେଠାରେ ପହଞ୍ଚିବା ପରେ ସେମାନଙ୍କ ପରିବାର ସହିତ ଯୋଗାଯୋଗ

ବିଚ୍ଛିନ୍ନ ହୋଇଥିଲା । ଦିଲ୍ଲୀସ୍ଥିତ ଇରାନ ଦୂତାବାସ ଏବଂ ତେହେରାନ୍‌ରେ ଥିବା ଇରାନର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହ ଏ ନେଇ ଆଲୋଚନା ହୋଇଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଭାରତୀୟ ସୀମା ସୁରକ୍ଷା ବଳ ଏବଂ ବାଂଲାଦେଶ ବର୍ଡର ଗାର୍ଡ ମଧ୍ୟରେ ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଡିଜିସ୍ତରୀୟ ଆଲୋଚନା ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି ।

## ନିଉଦିଲ୍ଲୀ - ୱାର୍ଲଡ ବୁକ୍ ଫେୟାର

ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା-୨୦୨୫ ଆଜିଠାରୁ  ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହେବ ।  ଏହି ମେଳାର ଶୀର୍ଷକ ରହିଛି "ଆମେ ଭାରତବାସୀ" । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ୯ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୁସ୍ତକ ମେଳାକୁ ଉଦ୍‌ଘାଟନ କରିବେ । ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ନିର୍ଦ୍ଦେଶକ ଯୁବରାଜ ମଲିକ୍ କହିଛନ୍ତି, ଏହି ପୁସ୍ତକମେଳାରେ ରୁଷ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ବିଶେଷକରି ଫ୍ରାନ୍‌ସ, ଆର୍ଜେଣ୍ଟିନା, ସ୍ପେନ୍, କଲମ୍ବିଆ, ଆବୁଧାବି ଓ କାତାର ସମେତ ୫୦ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ । ଏହି ପୁସ୍ତକମେଳାରେ ୨ ହଜାର ପ୍ରକାଶକଙ୍କ ସମେତ ଏକହଜାର ବକ୍ତା ଯୋଗଦେବେ ବୋଲି ସେ କହିଛନ୍ତି ।

## ଆଧାର

ସୁଶାସନ ସଂଶୋଧନ ନିୟମ-୨୦୨୫ରେ ଆଧାର ପ୍ରମାଣୀକରଣକୁ ବୈଧ ଘୋଷଣା କରାଯାଇଛି । କେନ୍ଦ୍ର ସରକାର ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରିଛନ୍ତି । ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ କହିଛି ଜନସ୍ୱାର୍ଥ ସମ୍ବଳିତ ବିଭିନ୍ନ ସେବା, ଉଦ୍ଭାବନ, ଜ୍ଞାନ ଆଦି ବିଭିନ୍ନ କ୍ଷେତ୍ର ପାଇଁ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଏଣିକି ଆଧାରକୁ ପ୍ରମାଣୀକରଣ ଭାବେ ଗ୍ରହଣ କରିପାରିବେ । ଏହି ସଂଶୋଧନ ଦ୍ୱାରା ଇ-କମର୍ସ, ପର୍ଯ୍ୟଟନ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ର ଆଦି ଅଧିକ ସହଜ ଉପଲବ୍ଧ ହୋଇପାରିବ । ମନ୍ତ୍ରଣାଳୟ କହିଛି, ଜୀବନ ଏବଂ ଜୀବିକାକୁ ଅଧିକ ସରଳ କରିବାରେ ଏହି ସଂଶୋଧିତ ନିୟମ ସହାୟକ ହେବ ।

## ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଆଜି ହାଇଦ୍ରାବାଦ ତୁଫାନ୍ସ ଏବଂ ଶ୍ରାଚି ରାହ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଗତସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ ତୁଫାନ୍ସ' ସୁର୍‌ମା ହକି କ୍ଲବ୍‌କୁ ସେମିଫାଇନାଲ୍ ପର୍ଯ୍ୟାୟରେ ୩-୧ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛି । ପ୍ରଥମ ସେମିଫାଇନାଲ୍‌ରେ ବେଙ୍ଗଲ ଟାଇଗର୍ସ ପେନାଲ୍ଟି ସୁଟ୍‌ଆଉଟ୍ ଜରିଆରେ ତାମିଲନାଡୁ ଡ୍ରାଗନ୍ସକୁ ୬-୫

ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଥିଲା । ନିର୍ଦ୍ଧାରିତ ସମୟରେ ଦୁଇଦଳ ମଧ୍ୟରେ ୨-୨  ଗୋଲ୍‌ରେ ଖେଳ ଅମୀମାଂସିତ ରହିଥିଲା । ପ୍ରତିଯୋଗିତାରେ ତୃତୀୟ ସ୍ଥାନ ପାଇଁ ଆଜି ସୁରମା ହକି କ୍ଲବ ଏବଂ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

## କ୍ରିକେଟ୍

ପୁଣେ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ' ଇଂଲଣ୍ଡକୁ ୧୫ ରନ୍‌ରେ ହରାଇ ଦେଇଛି । ଚଳିତ ଭାରତ-ଇଂଲଣ୍ଡ ପୁରୁଷ କ୍ରିକେଟ୍ ଟି-୨୦ ୫ଟିକିଆ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଗତକାଲି ପୁଣେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ଖେଳାଯାଇଥିଲା । ଏହି ବିଜୟ ସହ ସିରିଜ୍‌ରେ ଭାରତ ୩-୧ ରେ ଆଗୁଆ ରହିଛି । ଟସ୍ ଜିତି ଇଂଲଣ୍ଡ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୧୮୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୩୦ଟି  ବଲ୍‌ରୁ ୫୩ ରନ୍ ଏବଂ ଶିବମ୍ ଦୁବେ ୩୪ ବଲ୍‌ରୁ ୫୩ ରନ୍ ସଂଗ୍ରହ କରିଥିଲେ । ୧୮୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୧୯ ଓଭର୍ ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୬୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଭାରତ ପକ୍ଷରୁ ରବି ବିଷ୍ଣୋଇ ଏବଂ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ୨ଟି ୱିକେଟ୍ ହାସଲ କରିଥିଲେ । ଶିବମ୍ ଦୁବେଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ

କରାଯାଇଛି । ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆସନ୍ତାକାଲି ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବ ।